Institute for Social Development

# ମାଧ୍ୟମ

## ମହିଳା ସହଯୋଗ କେନ୍ଦ୍ର - ଅପ୍‌ଡେଟ୍

5th Year | Vol. VI | September 2014 - August 2019

## ସଂକ୍ଷିପ୍ତରେ ମହିଳା ସହଯୋଗ କେନ୍ଦ୍ର- ମାଧ୍ୟମ

ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନଷ୍ଟିଚ୍ୟୁଟ୍ ଫର ସୋସିଆଲ ଡେଭେଲପମେଣ୍ଟ (ଆଇ.ଏସ୍.ଡି) ଓ କମିଶନରେଟ୍ ପୋଲିସ ଭୁବନେଶ୍ୱର-କଟକଙ୍କ ମିଳିତ ସହଯୋଗରେ ଆରମ୍ଭ କରାଯାଇଛି ମହିଳା ସହଯୋଗ କେନ୍ଦ୍ର- "ମାଧ୍ୟମ"। ଏହି କେନ୍ଦ୍ର ଭୁବନେଶ୍ୱର ସ୍ଥିତ ଡି.ସି.ପି କାର୍ଯ୍ୟାଳୟ, ବାଣୀ ବିହାର ଛକ ଓ କଟକ ମହିଳା ଥାନା ପରିସରରେ ୨୦୧୪ ମସିହା ସେପ୍ଟେମ୍ବର ମାସ ୩ ତାରିଖରୁ କାର୍ଯ୍ୟକାରୀ ହୋଇଆସୁଅଛି। ପୋଲିସ ପ୍ରଶାସନ ଓ ବେସରକାରୀ ଅନୁଷ୍ଠାନର ମିଳିତ ଉଦ୍ୟମରେ ଆରମ୍ଭ କରାଯାଇଥିବା ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ହେଲା-

- ପରିବାର ତଥା ବାହାରେ ବିଭିନ୍ନ ପ୍ରକାର ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ସାମାଜିକ ତଥା ମନସ୍ତାତ୍ତ୍ୱିକ ପରାମର୍ଶ ଦେଇ ସମସ୍ୟାର ସମାଧାନ କରାଇବା
- ଯଦି ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହୋଇନପାରେ ତେବେ କୋର୍ଟ ଓ ଥାନାର ସାହାଯ୍ୟ ନେବା ଦିଗରେ ମହିଳାମାନଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯାଇଥାଏ।
- ଦରକାର ସମୟରେ ସଠିକ ତଥ୍ୟ ଓ ସମସ୍ୟା ସମାଧାନର ପରର ସ୍ଥିତି ପରଖିବା ପାଇଁ ପରାମର୍ଶଦାତ୍ରୀ ମାନେ ନିକଟସ୍ଥ ଥାନାର ସହାୟତା ନେଇ ଗୃହ ପରିଦର୍ଶନ କରିଥାନ୍ତି।
- ପୀଡିତାଟିକୁ ଡାକ୍ତରୀ ସୁବିଧା, ଆଇନ ସହାୟତା, ଆର୍ଥିକ ସ୍ୱାବଲମ୍ବୀ କରାଇବାରେ ଏହି କେନ୍ଦ୍ର ବିଶେଷ ଭୂମିକା ପ୍ରଦର୍ଶନ କରିଥାଏ।
- ଏହାବ୍ୟତୀତ କେନ୍ଦ୍ର ବିଷୟରେ ଅଧିକରୁ ଅଧିକ ଲୋକ ଜାଣିବା ଓ ଜନସାଧାରଣଙ୍କ ଭିତରେ ପୋଲିସ ପ୍ରତି ଥିବା ଭୟକୁ ଦୂର କରିବା ନିମନ୍ତେ କମିଶନରେଟ୍ ପୋଲିସର କାର୍ଯ୍ୟ ପରିଧି ଭିତରେ ଆସୁଥିବା ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜନସାଧାରଣ ଓ ସ୍ଥାନୀୟ ପୋଲିସ ପ୍ରଶାସନ ମଧ୍ୟରେ ଏକ ପ୍ରଶ୍ନୋତ୍ତରଭିତ୍ତିକ ଆଲୋଚନାଚକ୍ରର ଆୟୋଜନ କରାଯାଇଥାଏ।
- ପରାମର୍ଶ ପାଇଁ ଆଇ.ଏସ୍.ଡି ତରଫରୁ ପ୍ରତି କେନ୍ଦ୍ରରେ ୨ଜଣ ପରାମର୍ଶଦାତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ପୋଲିସ ପ୍ରଶାସନ ତରଫରୁ ସୁରକ୍ଷା ଦୃଷ୍ଟିରୁ ୨ଜଣ ମହିଳା ହୋମଗାର୍ଡ ଯୋଗାଇ ଦିଆଯାଇଛି।
- ଏଠାକୁ ଅଭିଯୋଗ ନେଇ ଆସୁଥିବା ସମସ୍ତ ମହିଳା ମାନଙ୍କର ତଥ୍ୟ ଗୋପନ ରଖାଯାଇଥାଏ।






**ଡା. ସୁଧାଂଶୁ ଷଡ଼ଙ୍ଗୀ**
ପୁଲିସ କମିଶନର
ଭୁବନେଶ୍ୱର-କଟକ

ଫୋନ : ୦୬୭୪-୨୫୩୦୦୩୫
ଫାକ୍ସ : ୦୬୭୪-୨୫୩୦୦୦୧
ମୋବାଇଲ : ୮୨୮୦୩୩୮୩୦୦
ଇ-ମେଲ : commissioneratepolice@nic.in


# ବାର୍ତ୍ତା

ଭୁବନେଶ୍ୱର-କଟକ ପୋଲିସ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଇଂଷ୍ଟିଚ୍ୟୁଟ ଫର ସୋସିଆଲ ଡେଭଲପମେଣ୍ଟ" (ଆଇ.ଏସ.ଡି)ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା "ମାଧ୍ୟମ" - ମହିଳା ସହଯୋଗ କେନ୍ଦ୍ରକୁ ପାଞ୍ଚ ବର୍ଷ ପୂରଣ ହୋଇଛି । ଏହି ଅବସରରେ ସଂସ୍ଥାର ସମସ୍ତ କର୍ମକର୍ତ୍ତାମାନଙ୍କୁ ସେମାନଙ୍କର ସେବାମୂଳକ କାମ ପାଇଁ ଅଭିନନ୍ଦନ ଜଣାଉଛି ।

ଘରୋଇ ଯନ୍ତ୍ରଣା ସମ୍ପର୍କରେ କୌଣସି ମହିଳା ଅଭିଯୋଗ କଲେ ଏନେଇ ମକଦ୍ଦମା ରୁଜୁ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ । କିନ୍ତୁ ଏଭଳି କରିବା ପୂର୍ବରୁ ଆଲୋଚନା ଓ ପରାମର୍ଶ ଦ୍ୱାରା ପରିସ୍ଥିତିର ଆପୋଷ ସମାଧାନ ପାଇଁ ଚେଷ୍ଟା କରାଯିବା ଉଚିତ । ଏଥିପାଇଁ ମାଧ୍ୟମ ଦ୍ୱାରା କରାଯାଉଥିବା ଉଦ୍ୟମ ଅତ୍ୟନ୍ତ ପ୍ରଶଂସା ଯୋଗ୍ୟ ।

ବିଗତ ପାଞ୍ଚ ବର୍ଷ ମଧ୍ୟରେ "ମାଧ୍ୟମ" ଅନେକ ଭାଙ୍ଗିଯାଉଥିବା ଘରକୁ ଯୋଡ଼ିବାର ପ୍ରୟାସ କରିଛି ଓ ଅନେକ ଘଟଣାରେ ସଫଳ ମଧ୍ୟ ହୋଇପାରିଛି । ପୀଡ଼ିତାମାନଙ୍କୁ ଡାକ୍ତରୀ ସୁବିଧା, ଆଇନ ସହାୟତା ଓ ଆର୍ଥିକ ଭାବେ ସ୍ୱାବଲମ୍ବୀ କରାଇବା ପାଇଁ ଏହି କେନ୍ଦ୍ର କର୍ତ୍ତବ୍ୟରତ ।

ମାଧ୍ୟମର ସଫଳତା ପାଇଁ ମୁଁ ପୁଣିଥରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

**(ଡା. ସୁଧାଂଶୁ ଷଡ଼ଙ୍ଗୀ)**
ପୁଲିସ କମିଶନର
ଭୁବନେଶ୍ୱର-କଟକ





# ସମ୍ପାଦକୀୟ.......

"ମାଧ୍ୟମ" ମହିଳା ସହଯୋଗ କେନ୍ଦ୍ରକୁ ଏବେ ୫ ବର୍ଷ ପୂରିଲା । ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପ୍‌ମେ   ଓ କମିଶନରେଟ୍ ପୋଲିସର ମିଳିତ ସହଯୋଗରେ ହାତକୁ ନିଆଯାଇଥିବା ଏହି କାର୍ଯ୍ୟକ୍ରମ ଏବେ ସଫଳତାର ଶୀର୍ଷରେ ପହଁ  ପାରିଛି । ଆମେ ଖୁସି ଯେ, ଆମେ ଭାଙ୍ଗି ଯାଉଥିବା ଅନେକ ସଂସାରକୁ ପୁଣି ଥରେ ଯୋଡିବାର ପ୍ରୟାସ ଜାରୀ ରଖିଛୁ । ବିଗତ ୫ ବର୍ଷ ମଧ୍ୟରେ "ମାଧ୍ୟମ" କୁ ଯେତେ ସବୁ ମହିଳା ହିଂସା ସମ୍ବନ୍ଧୀୟ ଅଭିଯୋଗ ଆସିଛି ଦେଖାଯାଇଛି ପାରିବାରିକ ହିଂସା ବା Domestic Violence ଏକ ଅଗ୍ରହଣୀୟ ଏବଂ ବ୍ୟାପକ ହିଂସା । ପାରିବାରିକ ହିଂସାର ଶୀକାର ଅଧିକାଂଶ ମହିଳାମାନେ ହୋଇଥିବା ବେଳେ ଏହି ସବୁ ଘଟଣା ପରିବାରରେ ରହୁଥିବା ଅନ୍ୟ ସଦସ୍ୟ ଯଥା- ଛୋଟ ପିଲା ଓ ବୟସ୍କଲୋକଙ୍କୁ ଅଧିକ ମାତ୍ରାରେ ପ୍ରଭାବିତ କରିଛି । ବାସ୍ତବରେ ଆମ ସମାଜ ଏକ ପୁରୁଷ ପ୍ରଧାନ ସମାଜ ଓ ପୁରୁଷର ଭୂମିକା ପରିବାରରେ ଓ ସମାଜରେ ମୁଖ୍ୟ ବୋଲି ଧରାଯାଏ । ଏହି କାରଣ ପାଇଁ ମହିଳାଙ୍କ ପାଖେ ପୁରୁଷଙ୍କ ପରି ସମାନ ଦକ୍ଷତା ଥିଲେ ମଧ୍ୟ ସେ ନିଜକୁ ଦୁର୍ବଳ ମନେକରି ବହୁ ନ୍ୟାର୍ଯ୍ୟ ସୁବିଧା ସୁଯୋଗ ପାଇବାରୁ ବ  ତ ହୋଇଛନ୍ତି । ସାମାନ୍ୟ  ମ ଭୁଲବୁଝାମଣା, ପରସ୍ପରଙ୍କୁ ସନ୍ଦେହ କରିବା ଜଣେ ଜଣକୁ ସମ୍ମାନ ନ ଦେବା ଆଦି ଘରଟିଏ ଭାଙ୍ଗିଯିବାରେ ବିଶେଷ ଭୂମିକା ତୁଲାଇଛି । ଭାଙ୍ଗିଯାଉଥିବା ସଂସାରକୁ ପୁଣି ଯୋଡିବା ଯଦିବା ଏକ କଷ୍ଟକର ବ୍ୟାପାର ତଥାପି ଆମେ ଚେଷ୍ଟାକରି ଦୁଇ ପରିବାରକୁ ଯୋଡିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛୁ । ବିଗତ ୫ ବର୍ଷ ମଧ୍ୟରେ ମାଧ୍ୟମରେ ମୋଟ ପଞ୍ଜିକୃତ ୨୩୦୩ ଅଭିଯୋଗ ମଧ୍ୟରୁ ୧୪୪୯ ଜଣଙ୍କର ଅଭିଯୋଗ ସମାଧାନ ହୋଇପାରିଛି । ବିସ୍ତୃତ ତଥ୍ୟ ଆପଣମାନେ ଏହି ଅପଡେଟ୍‌ରୁ ପାଇପାରିବେ । ଆପଣମାନେ ଯଦି ୨୦୧୪ରୁ ୨୦୧୯ ଭିତରେ ଏହାର ପରିସଂଖ୍ୟାନ ଦେଖିବେ, ନିଶ୍ଚିତ ଭାବେ ଅଭିଯୋଗ ସଂଖ୍ୟା ବଢିଛି । ଏହା କେବଳ ହୋଇପାରିଛି ଯେ ମହିଳାମାନେ ଏବେ ନିଜ ନିଜର ଅସୁବିଧା ବା ସମସ୍ୟା ନିଃସଂକୋଚରେ ଆସି କହିବା ଆରମ୍ଭ କଲେଣି । କାର୍ଯ୍ୟରତ ପରାମର୍ଶ ଦାତ୍ରୀମାନେ ନିରବଚ୍ଛିନ୍ନ ଭାବେ ତାଙ୍କର ସେବା ଯୋଗାଇ ଦେଇ ଆସୁଛନ୍ତି । ଯେଉଁଠି ଦରକାର ପଡୁଛି ସେମାନେ ସଠିକ ତଥ୍ୟ ଓ ସମସ୍ୟାର ସମାଧାନର ପରର ସ୍ଥିତି ଜାଣିବା ପାଇଁ ଗୃହ ପରିଦର୍ଶନ କରୁଛନ୍ତି । ଅନେକ ଲୋକଙ୍କର ଧାରଣା ଅଭିଯୋଗଟିଏ ପଞ୍ଜିକୃତ ହୋଇଗଲେ ତା ସଙ୍ଗେସଙ୍ଗେ ସମାଧାନ ହୋଇଯିବ । ମୁଁ ଏଠି କହିବାକୁ ଚାହେଁ କାଉନସେଲିଂ ଏକ ଲମ୍ବା ପ୍ରକ୍ରିୟା । ଏହାକୁ ବିଭିନ୍ନ ସ୍ତର ଦେଇ ଯିବାକୁ ହୋଇଥାଏ । ବ୍ୟକ୍ତିଗତ, ପରିବାର, ଦରକାର ପଡିଲେ କିଛି ଗୋଷ୍ଠୀଙ୍କୁ ନେଇ କାଉନସେଲିଂ କରାଯାଇ ଅଭିଯୋଗର ସମାଧାନ ପାଇଁ ବାଟ ଖୋଜା ଯାଇଥାଏ । ଏସବୁ ସ  ଏହି ପ୍ରକ୍ରିୟାରେ ଆମେ ଫେଲ୍ ମାରିଲେ ତେବେ ଯାଇ ପୋଲିସର ସହାୟତା ଲୋଡିଥାଉ । ତେଣୁ ମୁଁ ଆଶା କରୁଛି ଯେଉଁମାନେ "ମାଧ୍ୟମ" କୁ ଅଭିଯୋଗ ନେଇ ଆସୁଛନ୍ତି ଏହି ପ୍ରକ୍ରିୟାରେ ଆମ ପରାମର୍ଶଦାତ୍ରୀମାନଙ୍କୁ ସହଯୋଗ କରନ୍ତୁଏବଂ ବିନା ଖର୍ଚ୍ଚରେ ଆମର ସହଯୋଗ ନିଅନ୍ତୁ ।

ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ମୁଁ ପ୍ରଥମେ ଧନ୍ୟବାଦ ଦେବି ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଡଃ. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କୁ । ଯାହାଙ୍କ ଉଦ୍ୟମରେଏହି ଅନୁଷ୍ଠାନଟି ଦୀର୍ଘ ୫ ବର୍ଷ ଧରି ନିରବଚ୍ଛିନ୍ନଭାବେ ମହିଳାମାନଙ୍କୁ ସହଯୋଗ ଦେବାରେ ସଫଳ ଭୂମିକା ନିଭାଇପାରିଛି । ମୁଁ ଧନ୍ୟବାଦ ଦେବି ପୂର୍ବତନ ପୋଲିସ କମିଶନର ଶ୍ରୀଯୁକ୍ତ ସତ୍ୟଜିତ ମହାନ୍ତି, ଡେପ୍ୟୁଟି କମିଶନର, ଭୁବନେଶ୍ୱର ଶ୍ରୀ ଅନୁପ କୁମାର ସାହୁ ଓ ଡେପ୍ୟୁଟି କମିଶନର କଟକ ଶ୍ରୀ ଅଖିଳେଶ୍ୱରସିଂଙ୍କୁ ଯାହାଙ୍କ ସହଯୋଗ ବିନା "ମାଧ୍ୟମ" କାର୍ଯ୍ୟକରିବା ଅସମ୍ଭବ । ଆମର ପ୍ରତିଟି ଅଭିଯୋଗକୁ ସେମାନେ ତାଙ୍କର ବହୁ ମୂଲ୍ୟ ସମୟ ଦେଇ ସବୁବେଳେ ସହଯୋଗର ହାତ ବଢାଇଥିବାରୁ । ଶେଷରେ ଧନ୍ୟବାଦ ଦେବି ମାଧ୍ୟମରେ କାର୍ଯ୍ୟରତ ପରାମର୍ଶଦାତ୍ରୀମାନଙ୍କୁ ଯେଉଁମାନଙ୍କର ଅକ୍ଲାନ୍ତ ପରିଶ୍ରମ ଅନେକ ଉଜୁଡି ଯାଉଥିବା ସଂସାରକୁ ବାନ୍ଧିରଖିଛି ।

**ଶୁଭଶ୍ରୀ ଦାସ**
ନିର୍ଦ୍ଦେଶିକା, ଆଇ.ଏସ୍.ଡି



**Anup Kumar Sahoo, IPS**
Dy. Commissioner of Police
Bhubaneswar

Dy. Commissioner of Police
Vani Vihar Square
Bhubaneswar- 751022
Ph. : 0674-2540555, Fax : 0674-2540444

# MESSAGE

I am glad to know that Institute for Social Development(ISD), Bhubaneswar is bringing out a 5 years journey report of its two Maadhyam Women support centres located at Bhubaneswar and Cuttack containing valuable information about the centres which would be presented before the print and electronic media.

I wish the report will bring out the role played by Maadhyam in helping the women in redressing their issues.

**(Anup Kumar Sahoo)**
Dy. Commissioner of Police
Bhubaneswar



**Akhileshvar Singh, IPS**
Dy. Commissioner of Police
Cuttack

Dy. Commissioner of Police , Cuttack
+91-671-23000570 (O), +91-671-2304294 (F)
e-mail: dcpcuttack@nic.in

# MESSAGE

It is a matter of great pleasure that “Maadhyam Women Support Centre”- a joint venture of Police Commissionerate, Bhubaneswar-Cuttack and Institute for Social Development (ISD) has successfully completed five years in the jurisdiction of Police Commissionerate, Bhubaneswar-Cuttack. It has set a milestone in solving many women related issues who are subjected to various kinds of harassment and violence. The relentless service provided by the professional expert counsellors in solving the issues of women and reunion of family bond is magnificent.

I wish all the members associated with Maadhyam in this noble endeavour and work dedicatedly for the betterment of women and distributed family in the society.

**Akhileshvar Singh**
Dy. Commissioner of Police
Cuttack

# ମତାମତ



**Deepak Kumar Mishra**
IIC, Chauliaganj PS
Cuttack

Marriages are made in heaven and solemnized on Earth. But the negative artefact of human interest is grossly affecting the sanctity of this working to sacred pledge. This has created abhorrence in human relations, family fabrics and the future of innocent children. Maadhyam has been consistently working to repair and protect the cracks in conjugality created by human errors. I congratulate Maadhyam and its functionaries on the successful and effective completion of five years.



**Bishwaranjan Nayak**
IIC, Chandrasekharpur PS
Bhubaneswar

I am extremely happy to know that "Maadhyam" is going to complete its fifth years successfully. It is not just a support centre but a great initiative to solve the domesitic violence issues by experienced counsellors. Their help to unite the survivors and leading towards to a happy family life is indispensable. I wish Maadhyam and all the supporting staffs will continue their endeavour to serve the society for many years.



**Arun Kumar Swain**
IIC, Nayapalli PS
Bhubaneswar

"Maadhyam" from its genesis is playing a very leading role to strengthen the sacred tie "Marriage". Many married couples having differences of attitudes and principles have been reunited with new hope and colourful future due to the active role of the Maadhyam functionaries. I congratulate all the members of Maadhyam for their untiring efforts to bridge a gap between policing and relationship and wish all the members of "Maadhyam", a very successful future ahead.

# ମତାମତ



**Himansu Bhusan Swain**
IIC, Badambadi PS
Cuttack

On the eve of 5th anniversary of "Maadhyam" Women Support Centre functioning in the Police Commissionerate, CTC-BBSR. I congratulate from the core of my heart to the members of the Center working delicately to resolve the women related issues sincerely for the betterment of women and their family. Their professional skill and valuable counselling saved many families and setting their foot for a glorious future.

On the auspicious occasion I extended my sincere thanks and wish to the organization that it will work with same zeal and spirit in future and their whole development.



**Anusuya Nayak**
IIC Mahila P.S
Bhubaneswar

I extended my heartiest congratulations to the Women Support Center **"Maadhyam"** has completed five years journey.

I know how challenging it is to turn disagreement into agreement, hatred to likeness and violence into love. For last five years counselling centre Maadhyam is doing incredible job by imparting joy and restoring happiness into a broken family.

I appreciate and congratulate Maadhyam the enormous effort put in for working tirelessly to reduce domestic violence.



We would like to thank you for your valuable advice, support and help. With your in-depth understanding of what was causing our issues, you helped save our marriage.

Your guidance and encouragement helped to save a broken relationship. Thank you so much for helping us rediscover happiness together.

**Suryakanta & Suvasmita**

# ମତାମତ

ବିବାହର ମାତ୍ର କିଛି ଦିନ ପରେ ଆମ ଦୁଇଜଣଙ୍କ ମଧ୍ୟରେ ବହୁ ସମସ୍ୟା ଦେଖାଦେଉଥିଲା । ଏହାର ସମାଧାନ କରିବା ପାଇଁ ଦୁଇ ପରିବାରର ଲୋକ ଏବଂ ଗ୍ରାମର ମୁରବୀତୁଲ୍ୟ ଲୋକ ବହୁବାର ବସିଥିଲେ ମାତ୍ର କିଛି ସମାଧାନ ହୋଇପାରିଲା ନାହିଁ । ଯାହା ଫଳରେ ଘରେ ଅସନ୍ତୋଷ ବଢିବାରେ ଲାଗିଥିଲା । ସର୍ବ ଶେଷରେ ଆମେ "ମାଧ୍ୟମ"ର ଦ୍ୱାରସ୍ଥ ହୋଇଥିଲୁ । ସେଠାକୁ ଯିବା ପୂର୍ବରୁ ମୁଁ ଭାବିଲି ଏଠାରେ ଝିଅର କଥାକୁ ବେଶି ପ୍ରାଧାନ୍ୟ ଦିଆଯିବ ମୋ କଥାର କିଛି ମୂଲ୍ୟ ରହିବ ନାହିଁ । ମାତ୍ର ସେମିତି କିଛି ହୋଇନଥିଲା ସେଠାରେ ଆମ ଦୁଇଜଣଙ୍କୁ ନିଜ ନିଜର ମତ ରଖିବାର ସୁଯୋଗ ଦିଆଯାଉ ଥିଲା । ଯାହା ଫଳରେ ସମସ୍ୟାର ସମାଧାନ ହୋଇଥିଲା । ଏଥିପାଇଁ ମୁଁ "ମାଧ୍ୟମ" ଏବଂ କାଉନସେଲର ରୋଜାଲିନ୍ ମ୍ୟାଡମ୍‌ଙ୍କୁ ଧନ୍ୟବାଦ ଜଣାଉଛି । ସେମାନଙ୍କର ହସ୍ତକ୍ଷେପ ଯୋଗୁଁ ମୁଁ ପ୍ରାୟ ୧ ବର୍ଷ ହେବ ମୋର ସ୍ତ୍ରୀ ଏବଂ ଦୁଇ ପୁଅଙ୍କୁ ନେଇ ଖୁସିରେ ଅଛି । ସମସ୍ୟାର ସମାଧାନପରେ ମଧ୍ୟ ରୋଜାଲିନ ମ୍ୟାଡମ୍ ଆମ ଘରକୁ ଆସିଥିଲେ ଆମର ସମସ୍ୟା ବୁଝିବା ପାଇଁ । ସେଇଦିନ ମୁଁ ଅନୁଭବ କଲି "ମାଧ୍ୟମ" କେବଳ ସମସ୍ୟାର ସମାଧାନ କରିନଥାଏ ବରଂ ସମାଧାନ ପରେ ମଧ୍ୟ ନିଜ ପରିବାର ଲୋକ ପରି ଆମ ସାଙ୍ଗରେ ଥାଏ । ଧନ୍ୟବାଦ ମାଧ୍ୟମ ।



***ମନୋରଂଜନ ବେହେରା ଓ ଗୁଣ୍ଡିଚାରାଣୀ ବେହେରା***



ଆମ ବୈବାହିକ ଜୀବନରେ ଅସୁବିଧା ଯୋଗୁ ଆମେ ଆସିଥିଲୁ ମାଧ୍ୟମକୁ । ମୋର ତ ଆଶା ନଥିଲା ପୁଣି ଆମେ ଏକାଠି ରହି ସୁଖର ସଂସାର କରିପାରବୁ । ହେଲେ ମାଧ୍ୟମକୁ ଆସିଲା ପରେ ଆମ ଦୁଇଜଣଙ୍କୁ ପୁଣି ଏକାଠି କରାଇବାରେ କାଉନ୍‌ସିଲର ଅନୀମା ମ୍ୟାଡାମ୍‌ଙ୍କୁ ବହୁତ ପରିଶ୍ରମ କରିବାକୁ ପଡ଼ିଛି । ତାଙ୍କର ଧୈର୍ଯ୍ୟ ଓ ବୁଝାଇବାର ଶୈଳୀ ବହୁତ ସୁନ୍ଦର । ଆମେ ଦୁହେଁ ବ୍ୟକ୍ତିଗତ ଭାବରେ ମ୍ୟାଡାମଙ୍କ ପ୍ରତି ଆମର ଶୁଭେଚ୍ଛା ଜଣାଉଛୁ । ଭଗବାନ ତାଙ୍କର ମଙ୍ଗଳ କରନ୍ତୁ ।

***ଜ୍ଞାନେନ୍ଦ୍ର ପଣ୍ଡା ଓ ଅମ୍ରିତା ପ୍ରିୟଦର୍ଶିନୀ***

ମୁଁ ମାଧ୍ୟମକୁ ଆସିବା ପୂର୍ବରୁ ଅନେକ ଯାଗାକୁ ଯାଇଛି ସହାୟତା ପାଇଁ । ସେତେବେଳକୁ ମୁଁ ମାନସିକ ଓ ଶାରୀରିକ ସ୍ତରରେ ବହୁତ ଭାଙ୍ଗିପଡ଼ିଥିଲି । ମୁଁ ଭାବି ନେଇଥିଲି ଯେ ମୋ ଜୀବନର ମୂଲ୍ୟ କିଛି ନାହିଁ । ମୋ ଭବିଷ୍ୟତ ଅନ୍ଧକାର । ଏଠାରେ ବାରମ୍ବାର ଆମ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ କାଉନ୍‌ସିଲଙ୍ଗ କରାଗଲା । କାଉନ୍‌ସିଲର ମାଡାମ୍‌ମାନେ ଶତଚେଷ୍ଟା କଲେ ମୋ ହଜିଲା ସଂସାରକୁ ପୁଣି ଥରେ ପୂର୍ବବତ୍ ଫେରାଇ ଆଣିବାକୁ । ସଫଳ ହେଲାନି ସତ ହେଲେ ମୁଁ ଏଠାକୁ ଆସି ବହୁତ ଉପକୃତ ହେଲି । ମୋତେ ଯେଉଁସବୁ ସକାରାତ୍ମକ କଥା ବୁଝାଯାଇଥିଲା ତାହା ମୋର କାମରେ ଆସିଲା । ନିଜକୁ ଦୃଢ଼ କଲି ଓ ଏକୁଟିଆ ରହିବା ପାଇଁ ସଂକଳ୍ପ କଲି । ଏବେ ମୁଁ ମୋର ୭ବର୍ଷର ଝିଅକୁ ନେଇ ବେଶ୍ ଆରାମରେ ରହୁଛି । ମାଧ୍ୟମ ମୋ ପାଇଁ ଗୋଟିଏ ଏମିତି ମନର ମଣିଷ ପାଲଟି ଗଲା ଯାହାକୁ ମୁଁ ମୋ ମନର ସବୁ କଥା କହିପାରିଲି ଓ ଆଗକୁ ଜୀବନରେ ବଢ଼ିପାରିଲି ।




***ଭାଷା ପ୍ରିୟଦର୍ଶିନୀ, ତୁଳସୀପୁର, କଟକ***

# MAADHYAM (WOMEN SUPPORT CENTER) — 5 YEARS JOURNEY


## CASE REGISTRATION STATUS

| Year | Bhubaneswar | Cuttack | Total |
|---|---|---|---|
| 2014 | 80 | 80 | **160** |
| 2015 | 183 | 206 | **389** |
| 2016 | 154 | 248 | **402** |
| 2017 | 201 | 293 | **494** |
| 2018 | 260 | 272 | **532** |
| 2019 | 167 | 159 | **326** |
| **TOTAL** | **1045** | **1258** | **2303** |





## CASE RECONCILIATION THROUGH COUSELING

| Year | Bhubaneswar | Cuttack | Total |
|---|---|---|---|
| 2014 | 31 | 48 | 79 |
| 2015 | 96 | 135 | 231 |
| 2016 | 84 | 167 | 251 |
| 2017 | 152 | 202 | 354 |
| 2018 | 165 | 181 | 346 |
| 2019 | 99 | 89 | 188 |
| **TOTAL** | **627** | **822** | **1449** |




## SURVIVOR LINKAGES WITH OTHER SUPPORT SERVICES

| Year | Bhubaneswar | Cuttack | Total |
|---|---|---|---|
| 2014 | 8 | 9 | 17 |
| 2015 | 24 | 7 | 31 |
| 2016 | 45 | 20 | 65 |
| 2017 | 38 | 16 | 54 |
| 2018 | 68 | 37 | 105 |
| 2019 | 21 | 24 | 45 |
| **TOTAL** | **204** | **113** | **317** |





## ମନସ୍ତ ୍ବିତ ଓ ପରାମର୍ଶଦାତ୍ରୀଙ୍କ ମତରେ......


❖ ପାରିବାରିକ ହିଂସାକୁ ସହିଯିବା ଏହାର ସମାଧାନ ନୁହେଁ ❖ ଯେଉଁ ଘରେ ଗୋଟିଏ ସ୍ତ୍ରୀଲୋକ କୌଣସି ପ୍ରକାର ହିଂସା ବା ଅତ୍ୟାଚାରର ଶିକାର ହେଉଥାଏ ସେ ଘରର ଉନ୍ନତି ତଥା ସେ ପରିବାରରେ ପିଲାମାନଙ୍କ ବ୍ୟକ୍ତିତ୍ୱ ଉପରେ ଏହାର କୁପ୍ରଭାବ ପଡିଥାଏ। ❖ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଏକ ସୁସ୍ଥ ସମ୍ପର୍କ ବଜାୟ ରଖିବା ପାଇଁ ଗୋଟିଏ ସରଳ ସୁତ୍ର ହେଲା– "Both should treat each other as two human beings". ❖ ଦାମ୍ପତ୍ୟ ଜୀବନରେ ଆଧିପତ୍ୟ ଜାରିକରିବାର ମନବୃ ି ସୁସ୍ଥ ସମ୍ପର୍କରେ ଅନ୍ତରାୟ ସୃଷ୍ଟି କରେ ❖ ଏକ ସୁସ୍ଥ ବୈବାହିକ ସମ୍ପର୍କ ପାଇଁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କର ସମାନ ଭୂମିକା ରହିଛି। ସେଥିପାଇଁ ଉଭୟଙ୍କୁ ସମପରିମାଣରେ ଚେଷ୍ଟା କରିବାକୁ ପଡ଼ିଥାଏ। ଏହାଦ୍ୱାରା ବିଭିନ୍ନ ପ୍ରକାର ସମସ୍ୟାକୁ ସମାଧାନ କରିବା ସହଜ ହୋଇଥାଏ। ❖ ଜଣେ ଅନ୍ୟଜଣଙ୍କର ସ୍ୱାଭିମାନକୁ ସମ୍ମାନ ଦେଇ ପରସ୍ପରର ମନୋଭାବକୁ ଗ୍ରହଣ କରିବାର ପ୍ରଚେଷ୍ଟା ହିଁ ଏକ ସୁନ୍ଦର ଜୀବନର ଭି ିଭୂମି ପ୍ରସ୍ତୁତ କରିଥାଏ।

# CASE REGISTRATION STATUS AT MAADHYAM

## September 2014 - August 2019


During September 2014 to August 2019 a total of 2303 cases were registered in Maadhyam of both the center Bhubaneswar and Cuttack. Year wise case registration status of both the center separately given below.




Out of 2303 cases 2172 women who have approached the center were survivors of domestic violence. The details of type of registered cases given below-


| Types of Cases | Nos. |
|---|---|
| Domestic Violence | 2172 |
| False promise of Marriage | 52 |
| Sexual Harassment at Workplace | 02 |
| Molestation /Eve Teasing/ Stalking | 22 |
| Cyber crime | 08 |
| Adultery | 47 |




In all these 2303 cases 1430 individual meetings, 2678 Joint meetings and 2078Group meetings were held with the women or the other party (husband, in-laws, Community people and relatives) to understand the situation and also provide the development counseling as an empowerment process.


Out of 2303 registered cases 1449 cases have been reconciliation through counseling. Apart from counseling alternative support services were also provided to many of them like shelter, free legal aid and livelihood. The details of alternative support services provided to the survivors given below –

| Alternative support services | Nos. |
|---|---|
| Reconciliation | 1449 |
| Shelter Home | 35 |
| Medical Support | 54 |
| Free Legal Aid Services | 169 |
| DIR Through Protection Officer | 39 |
| Livelihood | 20 |




## Socio- economic background of the survivors

During this period 2303 cases out of 1090 women from General caste, 533 from Schedule Caste, 30 women from Schedule Tribe, 33 from Christian, 227 from Muslim and 390 from other back ward caste.





## Educational Background of the Survivors

| Education | Nos. |
|---|---|
| Illiterate | 82 |
| Able to read and write | 134 |
| Primary | 374 |
| Secondary | 742 |
| Intermediate | 264 |
| Graduation | 353 |
| Post-graduation | 114 |
| Professional Qualification | 240 |





## Age Group

It was observed that around 19 survivors less than 18 years of age, 820 women were within the age group of 18-25 years. 1144 from the age group of 26 to 40 years. It is also to be noted that 231 women from the age group of above 41 to 55 years and 89 women from more than 55 years came to the Women Support Centre for support.




## Cases reference by

| | |
|---|---|
| Local PS | 1813 |
| Self | 111 |
| Media | 36 |
| Relative | 33 |
| Women Organisation | 123 |
| Lawyers | 42 |
| Ex Client | 40 |
| Sakhi OSC | 04 |
| CWC | 03 |
| 181 Women Helpline | 12 |
| Social Media/other sources | 86 |




ମାଧମକୁ ଅଭିଯୋଗ ନେଇ ଆସୁଥିବା ସମସ୍ତ ମହିଳାମାନଙ୍କର ତଥ୍ୟ ଗୋପନ ରଖାଯାଇଥାଏ।


# ପାରିବାରିକ ହିଂସା ସମ୍ବନ୍ଧୀୟ ପରିସଂଖ୍ୟାନ

ମାଧ୍ୟମରେ ମୋଟ ପଞ୍ଜିକୃତ ହୋଇଥିବା ମହିଳା ସମ୍ବନ୍ଧୀୟ ଅଭିଯୋଗ ମଧ୍ୟରୁ ପାରିବାରିକ ହିଂସା ଅଧିକ। ଏପରିକି ସମୁଦାୟ ଅଭିଯୋଗ ମଧ୍ୟରୁ ଅଧିକ ହେଉଛି ପାରିବାରିକ ହିଂସା ସମ୍ବନ୍ଧୀୟ ଅଭିଯୋଗ। ନିମ୍ନରେ ସଂକ୍ଷେପରେ କେସ୍ ପଞ୍ଜିକୃତ ସ୍ଥିତି ଦିଆଗଲା।

| ପ୍ରକାର | ଭୁବନେଶ୍ୱର | କଟକ |
|---|---|---|
| ମୋଟ ପଞ୍ଜିକୃତ କେସ୍ ସଂଖ୍ୟା | ୧୦୪୫ | ୧୨୫୮ |
| ପାରିବାରିକ ହିଂସା | ୯୮୩ | ୧୧୮୯ |
| ମୋଟ ସମାଧାନ | ୬୨୭ | ୮୨୨ |
| ଆଇନ ସହାୟତା | ୮୨ | ୮୭ |
| ଡାକ୍ତରୀ ସହାୟତା | ୩୫ | ୧୯ |
| ଆର୍ଥୀକ ସ୍ୱାବଲମ୍ବୀ | ୧୩ | ୭ |

## ପାରିବାରିକ ହିଂସାର ପ୍ରକାର

| ହିଂସାର ପ୍ରକାର | ସଂଖ୍ୟା |
|---|---|
| ସ୍ୱାମୀ ଠାରୁ ମାଡ ଖାଇବା | ୬୦୧ |
| ଅତ୍ୟାଚାର ଓ ହଇରାଣ ହରକତ କରିବା | ୭୮୧ |
| ଶାଶୁ ଘରୁ ତଡିଦେବା | ୩୬୨ |
| ପରିତ୍ୟକ୍ତ ହେବା | ୨୦୧ |
| ଯୌନ ନିର୍ଯ୍ୟାତନା | ୬୫ |
| ବିଧବା ଉପରେ ଅତ୍ୟାଚାର | ୪୫ |
| ବୃଦ୍ଧ ପିତାମାତାଙ୍କୁ ଅତ୍ୟାଚାର ଓ ଅବହେଳା | ୬୨ |
| ଅନ୍ୟାନ୍ୟ | ୫୫ |







Release of 4th year Maadhyam Update by Mr. Satyajit Mohanty, IPS, Former Commissioner of Police, Bhubaneswar-Cuttack

## ୨୦୧୪ ମସିହାରୁ ଏପର୍ଯ୍ୟନ୍ତ ବିଭିନ୍ନ ଥାନା ମାଧ୍ୟମରେ ଆସିଥିବା କେସ୍ ସଂଖ୍ୟା

### ଭୁବନେଶ୍ୱର

| କ୍ର.ନଂ | ଥାନାର ନାମ | ସଂଖ୍ୟା |
|---|---|---|
| ୦୧ | ଇନଫୋସିଟି | ୦୬ |
| ୦୨ | ଚନ୍ଦ୍ରଶେଖରପୁର | ୦୭ |
| ୦୩ | ନନ୍ଦନକାନନ | ୦୬ |
| ୦୪ | ନୟାପଲ୍ଲୀ | ୧୬ |
| ୦୫ | ଖଣ୍ଡଗିରି | ୩୦ |
| ୦୬ | ତମାଣ୍ଡୋ | ୦୩ |
| ୦୭ | ଚନ୍ଦକା | ୦୨ |
| ୦୮ | ଜଟଣୀ | ୦୬ |
| ୦୯ | ଶହିଦ ନଗର | ୩୮ |
| ୧୦ | ଖାରବେଳ ନଗର | ୦୭ |
| ୧୧ | ମ‌ େଶ୍ୱର | ୧୬ |
| ୧୨ | ଲକ୍ଷ୍ମୀସାଗର | ୩୪ |
| ୧୩ | ଧଉଳି | ୦୯ |
| ୧୪ | ଏୟାରଫିଲଡ୍ | ୨୨ |
| ୧୫ | ଶ୍ରୀଲିଙ୍ଗରାଜ | ୧୩ |
| ୧୬ | କ୍ୟାପିଟାଲ | ୦୭ |
| ୧୭ | ବାଲିଅନ୍ତା | ୦୫ |
| ୧୮ | ବାଲିପାଟଣା | ୦୧ |
| ୧୯ | ବରଗଡ | ୦୭ |
| ୨୦ | ମହିଳା ଥାନା | ୩୧୯ |
| ୨୧ | ଏୟାରପୋର୍ଟ | ୦୧ |
| ୨୨ | ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୭୩ |
| ୨୩ | ସି.ପି ଅଭିଯୋଗ ପ୍ରକୋଷ୍ଠ | ୧୫ |
| ୨୪ | ଅନ୍ୟାନ୍ୟ | ୦୯ |
|  | **ମୋଟ** | **୬୫୨** |

### କଟକ

| କ୍ର.ନଂ | ଥାନାର ନାମ | ସଂଖ୍ୟା |
|---|---|---|
| ୦୧ | ପୁରୀଘାଟ | ୦୩ |
| ୦୨ | ମାଲଗୋଦାମ | ୦୭ |
| ୦୩ | କ୍ୟାଣ୍ଟେନ୍‌ମେ ‍ | ୦୦ |
| ୦୪ | କଟକ ସଦର | ୦୫ |
| ୦୫ | ମହିଳା ଥାନା | ୧୧୧୪ |
| ୦୬ | ବିଡାନାସୀ | ୦୨ |
| ୦୭ | ଲାଲବାଗ୍ | ୦୩ |
| ୦୮ | ମଧୁପାଟଣା | ୦୨ |
| ୦୯ | କନ୍ଦରପୁର | ୦୪ |
| ୧୦ | ଚୌଦ୍ୱାର | ୦୨ |
| ୧୧ | ଚାଉଳିଆଗଞ୍ଜ | ୦୨ |
| ୧୨ | ମର୍କତ ନଗର | ୦୧ |
| ୧୩ | ବାରଙ୍ଗ | ୦୧ |
| ୧୪ | ମଙ୍ଗଳାବାଗ | ୦୩ |
| ୧୫ | ଦରଘା ବଜାର | ୦୦ |
| ୧୬ | ଜଗତପୁର | ୦୧ |
| ୧୭ | ବାଦାମବାଡ଼ି | ୦୦ |
| ୧୮ | ସିଡିଏ ଫେଜ୍ ୨ | ୦୦ |
| ୧୯ | ଡି.ସି.ପି ଅଭିଯୋଗ ପ୍ରକୋଷ୍ଠ | ୦୯ |
| ୨୦ | ଅନ୍ୟାନ୍ୟ | ୦୨ |
|  | **ମୋଟ** | **୧୧୬୧** |

## ଗୃହ ପରିଦର୍ଶନ (Home Visit)

"ମାଧ୍ୟମ" ର ପରାମର୍ଶଦାତ୍ରୀମାନେ ପଞ୍ଜିକୃତ ଅଭିଯୋଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉଭୟ ପକ୍ଷଙ୍କ ଘରକୁ ଯାଇ ସେମାନଙ୍କ ପରିବାରର ସଦସ୍ୟଙ୍କ ସହିତ ଦେଖାକରିଥାନ୍ତି । କିଛି ଅଭିଯୋଗରେ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ କିମ୍ବା ବିପକ୍ଷ ପକ୍ଷ ଅନୁପସ୍ଥିତ ହେଲେ ସେମାନଙ୍କୁ "ମାଧ୍ୟମ"ର ପରାମର୍ଶଦାତ୍ରୀମାନେ ସ୍ଥାନୀୟ ଥାନାର ପୋଲିସ ଅଧିକାରୀଙ୍କ ସହାୟତାରେ ଗୃହ ପରିଦର୍ଶନରେ ଯାଇଥାନ୍ତି । ଉଭୟ ପକ୍ଷ ହେଉ କିମ୍ବା ଗୋଟିଏ ପକ୍ଷଙ୍କ ଘରକୁ ଯିବା ଦ୍ୱାରା ବହୁ କ୍ଷେତ୍ରରେ ଅଭିଯୋଗ ଗୁଡ଼ିକ ସମାଧାନ କରିବା ଦିଗରେ ସହଜ ହୋଇଥାଏ । ବିଗତ ବର୍ଷମାନଙ୍କରେ ଅନେକ ପାରିବାରିକ ନିର୍ଯ୍ୟାତନା ଜନିତ ଅଭିଯୋଗ "ମାଧ୍ୟମ"ରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଥିଲେ ବି ସେମାନଙ୍କ ମଧ୍ୟରେ ଯୌତୁକରେ ଦିଆଯାଇଥିବା କିଛି ଜିନିଷ ଫେରାଇବାକୁ ହେଲେ ଗୃହ ପରିଦର୍ଶନ ମାଧ୍ୟମରେ ଅନେକାଂଶରେ ଏହି ସମାସ୍ୟାକୁ ଦୂର କରିପାରିଛନ୍ତି । ଗୃହ ପରିଦର୍ଶନରେ ସ୍ଥାନୀୟ ପୋଲିସର ସହଯୋଗ ନିହାତି ଜରୁରୀ ।

# ସଫଳ କାହାଣୀ

**(ନିମ୍ନରେ କେତେକ ପିଡୀତା ମହିଳାଙ୍କ ସଫଳ କାହାଣୀ ଦିଆଯାଇଛି । ସେମାନଙ୍କର ପ୍ରକୃତ ନାମ ଓ ଠିକଣା ବ୍ୟବହାର କରିବା ପରିବର୍ ଛଦ୍ମନାମ ବ୍ୟବହାର କରାଯାଇଛି ।)**

## ପୁଣି ହସିଲା ସଂସାର

ରମାଦେବୀରେ ପାଠ ପଢିଲା ବେଳେ ପ୍ରେମ କରି ଦୁଇ ପରିବାରର ସମ୍ମତି କ୍ରମେ ବିକ୍ରମଙ୍କୁ ବିବାହ କଲେ ନିକିତା । ଉଭୟଙ୍କ ମଧ୍ୟରେ ସ୍ୱାମୀ, ସ୍ତ୍ରୀର ସମ୍ପର୍କ ଅତ୍ୟନ୍ତ ମଧୁର ଥିଲା, ହସ ଖୁସିରେ ସମୟ ବିତୁଥାଏ । କିଛିଦିନ ପରେ ବିକ୍ରମଙ୍କ ଚାକିରି ପାଇଁ ଉଭୟ ମୁମ୍ବାଇରେ ରହିଲେ । ସେଠାରେ ଜନ୍ମ ନେଲା ଝିଅଟିଏ । ସମସ୍ତ ପ୍ରକାର ସୁଖ ସୁବିଧାରେ ଦାମ୍ପତ୍ୟ ଜୀବନର ୭ ବର୍ଷ କୁଆଡେ କଟିଗଲା ନିକିତା ଜାଣିପାରିଲେ ନାହିଁ । ଉଭୟ ୭ ବର୍ଷ ପରେ ମୁମ୍ବାଇରୁ ଫେରିଆସିଲେ, ଏଠାରେ ଏକ କମ୍ପାନୀରେ ବିକ୍ରମ କାମ କଲେ, ନିକିତା, ଝିଅ ସହ ଘର ସଂସାର ସମ୍ଭାଳିଲେ । କମ୍ପାନୀରେ କାମ କଲା ବେଳେ ବିକ୍ରମଙ୍କର ନିଜ ସହକର୍ମୀ ରେଶ୍ମା ନାମୀ ଝିଅଟି ସାଙ୍ଗରେ ବନ୍ଧୁତା ବଢିବାକୁ ଲାଗିଲା । ବନ୍ଧୁତା ଧିରେ ଧିରେ ପ୍ରେମରେ ପରିଣତ ହେଲା । ରେଶ୍ମା ପ୍ରେମରେ ବୁଡି ରହି ବିକ୍ରମ ନିଜ ସଂସାର ଠାରୁ ଦୂରେଇଲେ ଏପରିକି ନିଜ ଝିଅର ଭଲ ମନ୍ଦ ବି ବୁଝିଲେ ନାହିଁ । ନିକିତାଙ୍କ ମନରେ ଥିବା ଖୁସି ଉଭେଇଗଲା । ସେ ଯେତେ ଚେଷ୍ଟା କଲେ ବି ବିକ୍ରମ ଆଉ ପୁର୍ବ ବିକ୍ରମ ହୋଇପାରିଲେ ନାହିଁ । ଥରେ ନିକିତା ଝିଅକୁ ଧରି ଶୈଳଶ୍ରୀ ବିହାର ସ୍ଥିତ ନିଜ ଶଶୁର ଘରକୁ ବୁଲିବାକୁ ଗଲେ । ସେଠି ପହ୍ ଯାହା ଦେଖିଲେ ତାଙ୍କ ପାଦତଳୁ ମାଟି ଖସିଗଲା । ରେଶ୍ମା ଓ ବିକ୍ରମ ଘରର ବଗିଚାରେ ନିଜ ନିଜ ଭିତରେ ମଗ୍ନ ହୋଇ ଦୋଳିରେ ଝୁଲୁଛନ୍ତି । ନିକିତାଙ୍କର ସହିବାର ସୀମା ଟପି ଯାଇଥିଲା । ତେଣୁ ବିକ୍ରମ ଓ ତାଙ୍କ ମଧ୍ୟରେ ଅନେକ ଯୁକ୍ତି ତର୍କ ପାଟି ତୁଣ୍ଡ ହେଲା । ହେଲେ ଏହାର କୌଣସି ପ୍ରଭାବ ବିକ୍ରମଙ୍କ ଉପରେ ପଡିଲା ନାହିଁ । ନିକିତା ସ୍ଥିର କଲେ ମହିଳା ସହଯୋଗ  କେନ୍ଦ୍ର ମାଧ୍ୟମ ଆସି ନିଜର ଦୁଃଖ ଜଣାଇବେ । ଉଦୁଉଦିଆ ଖରା ବେଳେ କାନ୍ଦି କାନ୍ଦି ଆସି ପହଁ୍ଲେ ମାଧ୍ୟମରେ । ନିକିତାଙ୍କ ଠାରୁ ଅଭିଯୋଗ ପାଇବା ପରେ ପରାମର୍ଶଦାତ୍ରୀ ଉଭୟଙ୍କୁ ମାଧ୍ୟମକୁ ଡକାଇଲେ । ବହୁଥର କାଉନ୍‌ସେଲିଙ୍ଗ୍ ପରେ ଉଭୟଙ୍କୁ ନିଜ ସଂସାରକୁ କିପରି ରକ୍ଷା କରିବେ ଏବଂ ଝିଅର ଭବିଷ୍ୟତକୁ ସୁନ୍ଦର କରି ଗଢି ତୋଳିବେ ସେ ସମ୍ପର୍କରେ ବୁଝାଇଲେ । ଝଗଡା ନକରି ନିଜ ନିଜ ଭିତରେ ସୁ-ସମ୍ପର୍କ ରଖି ଏକାଠି ରହିବାକୁ ପରାମର୍ଶ ଦେଲେ । ବିକ୍ରମଙ୍କୁ ରେଶ୍ମାଙ୍କ ସହ ସମ୍ପର୍କ ନ ଯୋଡି ନିଜ ସ୍ତ୍ରୀଙ୍କ ସହ ରହିବାକୁ କହିବା ପରେ ଉଭୟ ବୁଝିଗଲେ । ପୁଣି ଏକାଠି ରହି ଘର ସଂସାର କରିବା ପାଇଁ ପ୍ରତିଶ୍ରୁତି ଦେଲେ । କିଛିଦିନ ପରେ ମାଧ୍ୟମ ଅଫିସକୁ ସେମାନଙ୍କ ଜୀବନ ନଷ୍ଟ ହେବା ଆଗରୁ ସଂସାର ଭାଙ୍ଗିବା ପୂର୍ବରୁ ମାଧ୍ୟମ ରକ୍ଷା କରିଦେଲା ବୋଲି କହି ଧନ୍ୟବାଦ ଅର୍ପଣ କଲେ ।

## ପ୍ରେମରେ ନାହିଁ ଜାତି ଭେଦ

ଛୋଟବେଳୁ ଏକାଠି ସ୍କୁଲରେ ପଢିଲା ବେଳେ ପ୍ରଜ୍ଞା, ମହେଶଙ୍କ ମଧ୍ୟରେ ନିବିଡ ବନ୍ଧୁତା ଥିଲା । ଧିରେ ଧିରେ ବଡହେଲା ପରେ ବନ୍ଧୁତା ପ୍ରେମରେ ପରିବ ର୍ନ ହେଲା । ବିବାହ ପାଇଁ ଜାତି ପ୍ରତିବନ୍ଧକ ହୋଇ ଛିଡାହେଲା । କାରଣ ମହେଶ ବ୍ରାହ୍ମଣ ଘରର ପୁଅ ହୋଇଥିବା ବେଳେ ପ୍ରଜ୍ଞା ଛୋଟ ଜାତିର ଥିଲେ । ଉଭୟଙ୍କ ଘର ପରିବାର ଲୋକ ବିବାହ କରାଇବାକୁ ରାଜି ହେଲେ ନାହିଁ । ପ୍ରଜ୍ଞା, ମହେଶ ବିବାହ କରି ଅନ୍ୟତ୍ର ଭଡାଘରେ ରହିଲେ । ବର୍ଷକ ପରେ ସେମାନଙ୍କର ପୁଅଟିଏ ଜନ୍ମ ହେଲା, ଉଭୟ ଖୁସିରେ ରହୁଥିଲେ । ନାତି ଜନ୍ମ ପରେ ମହେଶର ଘର ଲୋକ ପ୍ରଜ୍ଞାକୁ ଘରକୁ ଆଣିବା ପାଇଁ ଚାହିଁଲେ । ବ୍ରାହ୍ମଣ ଘର ହୋଇଥିବାରୁ ବୋହୁକୁ ପୁରୀରେ ଜାତି କରାଇ ଘରକୁ ଆଣିବାକୁ ଚାହିଁଲେ । ପ୍ରଜ୍ଞାକୁ ପୁରୀରେ ଜାତି କରାଇ ଘରକୁ ଆଣିଲେ । ଦିନେ ମହେଶର ଅନୁପସ୍ଥିତିରେ ପ୍ରଜ୍ଞା ଓ ତା ପୁଅ ଘରେ ଶୋଇଥିବା ବେଳେ ଶଶୂର ଘର ଲୋକ ବାହାର ପଟୁତାଲା ପକାଇ ଘରେ କିରୋସିନି ଢାଳି ନିଆଁ ଲଗାଇ ଦେଲେ । ପ୍ରଜ୍ଞା ଜାଣିପାରି ଚିତ୍କାର କରିବାରୁ ପାଖ ପଡିଶା ଘରୁ ସମସ୍ତେ ଆସି ପ୍ରଜ୍ଞା ଓ ତା ପୁଅକୁ ଉଦ୍ଧାର କଲେ । ଏହା ପରେ ସ୍ୱାମୀ, ସ୍ତ୍ରୀ ୨ ଜଣ ମାଧ୍ୟକୁ ଆସିଲେ । ମାଧ୍ୟମର ପରାମର୍ଶଦାତ୍ରୀ ମହେଶର ଘର ଲୋକଙ୍କୁ ଡକାଇ ବୁଝାଶୁଝା କଲେ । ସବୁ ମଣିଷ ସମାନ, ମଣିଷ ଦ୍ୱାରା ହିଁଜାତି ବାରି ଜନ୍ମ ହୁଏ ନାହିଁ । ମଣିଷର ଜାତି ତାର ପରିଚୟ ନୁହେଁ ବରଂ ମାନବିକତା ଦର୍ଶାଏ ତାର ଜାତି । ତେଣୁ ମାନବିକତାର  ଦ୍ୱାହି ଦେଇ ସେମାନେ ନିଜର ପୁଅ, ବୋହୁଙ୍କ ସହ ନାତିକୁ ଆପଣେଇ ନିଅନ୍ତୁ । ମହେଶ ଓ ପ୍ରଜ୍ଞା ପ୍ରେମ କଲାବେଳେ ଜାତି ଧର୍ମ ଦେଖିନାହାନ୍ତି କାରଣ ଭଲ ପାଇବା କେବେ ଏସବୁ କଥାକୁ ଗୁରୁତ୍ୱ ଦିଏ ନାହିଁ । ମହେଶ ଘର ଲୋକ ନିଜର ଭୁଲ ବୁଝିପାରିଲେ ଏବଂ ପ୍ରଜ୍ଞାକୁ ଘରକୁ ନେଲେ । ଏବେ ସମସ୍ତେ ଖୁସିରେ ଅଛନ୍ତି ।

## ସନ୍ତାନ ପାଖକୁ ଫେରିଲା ମା

୩୭ବର୍ଷରେ ସ୍ୱାମୀଙ୍କୁ ହରାଇ ଗାଁରେ ଶାଶୁ ଦେଢଶୂରଙ୍କ ନିର୍ଯ୍ୟାତନା ସହି ନପାରି ପିଲାମାନଙ୍କୁ ଧରି କଟକ ଚାଲି ଆସିଲେ ନିଳିମା ଦେବୀ। କଟକ ସହରରେ ପିଲାଙ୍କୁ ଖାଇବାକୁ ଦେବା, ପାଠ ପଢାଇବା ପାଇଁ ସିଲେଇ କାମ ଆରମ୍ଭ କଲେ। ଅନେକ କଷ୍ଟ କରି ତିନି ପୁଅଙ୍କୁ ମଣିଷ କଲେ। ପିଲାମାନେ କୂଳରେ ଲାଗିଲା ପରେ ତାଙ୍କୁ ବାହା କରାଇଦେଲେ। ନିଳିମା ଦେବୀ ଭାବିଲେ ଏବେ ମୋର ସମୟ ସୁଖ ଶାନ୍ତିରେ କଟିବ। ତିନି ପୁଅ, ବୋହୂ, ନାତି, ନାତୁଣୀଙ୍କ ଗହଣରେ ବାକି ଜୀବନ କଟିଯିବ ବୋଲି ଭାବିଥିବା ନିଳିମା ଦେବୀଙ୍କୁ ବଡ ଧକ୍କା ଲାଗିଲା ଯେତେବେଳେ ପୁଅମାନେ ତାଙ୍କୁ ପାଖରେ ରଖିବାକୁ ଚାହିଁଲେ ନାହିଁ। ପରିଣତ ବୟସରେ ସମସ୍ତେ ଚାହାନ୍ତି ପିଲାମାନଙ୍କ ସାଙ୍ଗରେ ରହିବାକୁ କିନ୍ତୁ ନିଳିମା ଦେବୀଙ୍କୁ ତାଙ୍କ ପୁଅମାନେ ଏକ ଭଡାଘରେ ଏକୁଟିଆ ମାସକୁ ୧୦୦୦ ଟଙ୍କା ଖର୍ଚ୍ଚ ଦେଇ ରଖିଦେଲେ। ଯାହା ନିଳିମା ଦେବୀଙ୍କୁ ବାଧିଲା, ତେଣୁ ସେ ସହାୟତା ପାଇଁ ଆସି କଟକ ମାଧ୍ୟମରେ ପହ ୍ଲେ। ମାଧ୍ୟମରେ ପରାମର୍ଶ ଦାତ୍ରୀ ତାଙ୍କର ସମସ୍ତ କଥା ଶୁଣିଲା ପରେ ତିନି ପୁଅ ଓ ବୋହୂଙ୍କୁ ଡକାଇ ସମସ୍ତ କଥା ବୁଝାଇ କହିଲେ। ଦୁଇତିନିଥର ଡକା ଯାଇ ତାଙ୍କ ମା କେତେ ଦୁଃଖ କଷ୍ଟ କରି ତାଙ୍କୁ ମଣିଷ କରିଛନ୍ତି ବୋଲି ପରାମର୍ଶ ମାଧ୍ୟମରେ ଜଣାଇ ଦିଆଗଲା। ଜଣେ ମା ତିନିତିନିଟା ପୁଅକୁ ମଣିଷ କରିପାରିଲେ ଅଥଚ ତିନି ଜଣ ପୁଅ ଗୋଟିଏ ମା କୁ ରଖିପାରିବେ ନାହିଁ ? ଏହି ପରିଭାବରେ ଅନେକ ବୁଝାଗଲା ପରେ ପୁଅମାନେ ପାଳିକରି ମା କୁ ସେମାନଙ୍କ ପାଖରେ ରଖିବେ ବୋଲି ରାଜି ହେଲେ। ଏବେ ନିଳିମା ଦେବୀ ନିଜ ପୁଅ ମାନଙ୍କ ପାଖରେ ଖୁସିରେ ଅଛନ୍ତି। ମାଧ୍ୟମ ଯୋଗୁଁ ଆଜି ସେ ଏ ପରିଣତ ବୟସରେ ନିଜ ପୁଅ, ବୋହୂ, ନାତି, ନାତୁଣୀଙ୍କ ଗହଣରେ ଖୁସିରେ ଜୀବନ ବିତାଇ ଥିବାରୁ ମାଧ୍ୟମକୁ ଧନ୍ୟବାଦ ଜଣାଉଛି।

## ସଂଘର୍ଷର ଅନ୍ୟ ନାମ ଜୀବନ

ସ୍ମିତା ଓ ରାକେଶ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା ଯାହା ପରିବାର ଲୋକଙ୍କ ସ୍ୱୀକୃତି ସହ ବିବାହରେ ପରିବ ିତ ହୋଇଥିଲା। ଶାଶୁଘରେ କିଛି ଦିନ ରହିବା ପରେ ସ୍ମିତାଙ୍କ ଉପରେ ତାଙ୍କ ବଡ ଯାଆ ଏବଂ ଶାଶୁ ମିଶି ଅତ୍ୟାଚାର କଲେ। ବାରମ୍ବାର ଯୌତୁକ ଦାବୀରେ ଏ ଅତ୍ୟାଚାର ଦିନକୁ ଦିନ ବଢିବାରେ ଲାଗିଲା। ଅତ୍ୟାଚାର ସହି ନପାରି ସ୍ୱାମୀଙ୍କ ସହ ନିଜ ବାପ ଘରକୁ ଚାଲି ଆସିଲେ ସ୍ମିତା। ସ୍ମିତାଙ୍କ ବାପା ଏ ଦୁଇଜଣଙ୍କର ସମସ୍ତ ଦାୟିତ୍ୱ ବହନ କରିବା ସହ ଜ୍ୱାଇଁଙ୍କୁ ବ୍ୟବସାୟ କରିବାରେ ସାହାର୍ଯ୍ୟ କଲେ, ଧିରେ ଧିରେ ବ୍ୟବସାୟ ବୃଦ୍ଧି ପାଇଲା ଉଭୟ ବହୁତ ଖୁସି ଥିଲେ, ବାପାମାଙ୍କ ସାହାର୍ଯ୍ୟରେ ନିଜର ଏକ ଘର ତିଆରି କଲେ ସ୍ମିତା ଓ ରାକେଶ। ମେ ମାସ ୨୩ ତାରିଖରେ ରାକେଶଙ୍କ ପେଟରେ ଯନ୍ତ୍ରଣା ହେବାରୁ ସ୍ମିତା ତାଙ୍କୁ ନେଇ ଡାକ୍ତରଙ୍କ ପାଖକୁ ନେଲେ। ରାକେଶଙ୍କ ଯକୃତରେ ଅସୁବିଧା ଅଛି ବୋଲି କହି ଡାକ୍ତର ପା  ଦିନ ପାଇଁ ରାକେଶଙ୍କୁ ହସପିଟାଲରେ ରହିବାକୁ କହିଲେ। ୫ ଦିନ ପରେ ସୁସ୍ଥ ରାକେଶ ଘରକୁ ଫେରିଲେ, ଘରକୁ ଫେରିବା ପରେ ରାକେଶ ପୁଣି ଅସୁସ୍ଥ ହୋଇ ପଡିଲେ। ତାଙ୍କୁ ଆଇ.ସି.ୟୁରେ ଭ ର୍  କରାଗଲା। ଦୁର୍ଭାଗ୍ୟବଶତଃ ସେଠାରେ ତାଙ୍କର ମୃତ୍ୟୁ ହୋଇଗଲା। ଏତେ ବଡ ଧକ୍କା ସହିପାରିଲେନି ସ୍ମିତା ଏବଂ ନିଜ ମାନସିକ ଭାରସାମ୍ୟ ହରାଇ ବସିଲେ, ସେଭଳି ପରିସ୍ଥିତିରେ ରାକେଶଙ୍କ ମା ଡାକ୍ତରଖାନାରେ ପାଟିତୁଣ୍ଡ କରୁଥାନ୍ତି। ୧୨ ଦିନ ପରେ ସ୍ମିତା ପ୍ରକୃତିସ୍ଥ ହେବାରୁ ଶାଶୁ ଘରକୁ ଯାଇ ସ୍ୱାମୀଙ୍କ ଶୁଦ୍ଧ କ୍ରିୟାରେ ଯୋଗ ଦେଲେ। ପରେ ନିଜର ମନର ଅବସ୍ଥା ଭଲ ନ ଥିବାରୁ ନିଜ ବାପାମାଙ୍କ ପାଖରେ କିଛି ଦିନ ରହି ଯେତେବେଳେ ନିଜ ଘରକୁ ଯିବାକୁ ଚାହିଁଲେ ଶାଶୁ ଘର ଲୋକ ତାକୁ ବାଡିଆପିଟା କରି ଘରୁ ବାହାର କରିଦେଲେ। ସ୍ମିତା ଆସି ପ ୍ଲେ ମାଧ୍ୟମରେ, ସବୁ କଥା ଶୁଣିବା ପରେ ପରାମର୍ଶ ଦାତ୍ରୀ ରାକେଶଙ୍କ ପରିବାରକୁ ଡକାଇ ବୁଝାଶୁଝା କରିବାରୁ ସେମାନେ ରୋକ ଠୋକ ମନା କଲେ। ସ୍ମିତାଙ୍କୁ ଘରେ ରହିବାକୁ ଦେବୁ ନାହିଁ କିମ୍ୱା କୌଣସି ଜିନିଷ ପତ୍ର ଦେବୁ ନାହିଁ। ରାକେଶ ଗଲା ପରେ ସ୍ମିତା ତା ଘରେ ରହିଲେ, ଜିନିଷ ପତ୍ର ଭିତରେ ରାକେଶଙ୍କ ସ୍ମୃତିକୁ ଅନୁଭବ କରିପାରିବ ଏବଂ ଏହା ତାର ଅଧିକାର ବୋଲି ବାରମ୍ବାର ବୁଝାଇବା ପରେ ସେମାନେ ଘରର ଚାବି ସ୍ମିତାଙ୍କୁ ଫେରାଇ ଦେଲେ। ଅନେକ ଦିନ ପରେ ସ୍ମିତା ମୁହଁରେ ହସ ଫୁଟିଲା, ଯାହା ସମସ୍ତଙ୍କ ମନରେ ଆନନ୍ଦ ଖେଳାଇ ଦେଇଥିଲା।

# ଗଣମାଧ୍ୟମରେ ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ'

ସମାଜ
The Samaja

22 July 2019 , Page: 10 , Bhubaneswar

## ବଢୁଛି ପାରିବାରିକ ହିଂସା

୬ମାସରେ ୨୫୩ ଅଭିଯୋଗ

## ପ୍ରତି ଜିଲ୍ଲାରେ କାଉନସେଲିଂ ସେଣ୍ଟର ଖୋଲିବ

### ମାଧ୍ୟମରେ ୧୨୬୭ ମାମଲା ପଞ୍ଜିକୃତ



## ପୁଲିସର ମହିଳା ସୁରକ୍ଷାକୁ ଅଗ୍ରାଧିକାର

● 'ମୋ ସାଥୀ' ପଞ୍ଜୀକରଣ ସୀମିତ
● ବଢୁଛି 'ମାଧ୍ୟମ'ର ଚାହିଦା

ପୁଲିସ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ

## 'ମହିଳା ସମ୍ବନ୍ଧୀୟ ହିଂସା ଓ ପ୍ରତିକାର' ଆଲୋଚନାଚକ୍ର



The Telegraph

Date: 04 September 2014 , Page – 07 , Bhubaneswar

City police launches support centres to provide counselling to victims of violence

## Help at hand for women in distress



DGP Sanjeev Marik (second from right) at the inauguration event of Maadhyam, a women support centre, in Bhubaneswar on Wednesday.

Maadhyam holds counselling sessions

## Victims come forward to take on stalkers



## ପୀଡ଼ିତାଙ୍କ ପାଇଁ ଖୋଲିଲା 'ମାଧ୍ୟମ'

ଭୁବନେଶ୍ୱର,୩।୯(ଇମିସ): ଘରୋଇ ହିଂସାର ଶିକାର ହେଉଥିବା ମହିଳାମାନଙ୍କ ଲାଗି କମିସନରେଟ୍ ପୁଲିସ ଓ ମହିଳା ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ 'ମାଧ୍ୟମ' ନାମକ ଏକ ସେଣ୍ଟର ଡିସିପିଙ୍କ କାର୍ଯ୍ୟାଳୟରେ ଖୋଲା ଯାଇଛି। ଏହି ସେଣ୍ଟରରେ ଦୁଇ ଜଣ କାଉନସେଲର, ଜଣେ ମନସ୍ତତ୍ତ୍ୱବିତ୍, ଡାକ୍ତର, ଆଇନ ବିଶେଷଜ୍ଞ ରହିବେ। ଯେଉଁ ମହିଳାମାନେ ଘରୋଇ ହିଂସାର ଶିକାର ହେଉଛନ୍ତି ସେମାନଙ୍କୁ ଏଠାରେ ଆଇନ୍ ... ନେବାକୁ ଚାହିଁବେ କିମ୍ବା ଚିକିତ୍ସିତ ହେବେ ମାଧ୍ୟମ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ।

ଆଜି ଏହ ଏନେଇ ଏକ କାର୍ଯ୍ୟକ୍ରମ ପୁଲିସ କମିସନରଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁଲିସ ଡିଜି ସଂଜୀବ ମାରିକ, ପୁଲିସ କମିସନର ରାଜେନ୍ଦ୍ର ପ୍ରସାଦ ଶର୍ମା, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସଚିବ ଶାଶ୍ୱତ ମିଶ୍ର, ଅତିରିକ୍ତ ପୁଲିସ କମିସନର ସନ୍ତୋଷ ବାଳା, ଡିସିପି ନୀତୀନଜିତ୍ ସିଂହ, କଟକ ଡିସିପି ସଂଜୀବ ଆରୋରା, ନମ୍ରତା ଚଢ଼ା, ଅକ୍ଷୟ କୁମାର ବିଶ୍ୱାଳ, ସ୍ୱାତୀ ତନୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରମେୟ
THE PRAMEYA

04 September 2014 , Page: 04 , Bhubaneswar

## ମହିଳାଙ୍କ ସୁରକ୍ଷା ଲାଗି 'ମାଧ୍ୟମ'



ଏନଜିଓ ସହ ହାତ ମିଶାଇଲା କମିଶନରେଟ୍ ପୁଲିସ

ତୃତୀୟ ବର୍ଷରେ ମହିଳା ସହଯୋଗ କେନ୍ଦ୍ର 'ମାଧ୍ୟମ'

## ଫଏସଲା ହୋଇଛି ୭୮୯ ମାମଲା



| ଅଭିଯୋଗ | ଭୁବନେଶ୍ୱର | କଟକ | ମୋଟ |
|---|---|---|---|
| ପାରିବାରିକ ହିଂସା | ୫୧୩ | ୬୫୩ | ୧୧୬୬ |
| ବିବାହର ମିଥ୍ୟା ପ୍ରଲୋଭନ | ୧୨ | ୧୧ | ୨୩ |
| କର୍ମକ୍ଷେତ୍ରରେ ଯୌନ ନିର୍ଯାତନା | ୦୨ | ୦୦ | ୦୨ |
| ଯୌନ ନିର୍ଯାତନା | ୧୨ | ୧୦ | ୨୨ |
| ସାଇବର ଅପରାଧ | ୦୭ | ୦୧ | ୦୮ |
| ବ୍ୟଭିଚାର | ୦୦ | ୪୬ | ୪୬ |

ଧରିତ୍ରୀ

Date: 04 September 2014 , Page – 11 , Bhubaneswar

## ନିର୍ଯାତିତାଙ୍କୁ ଦେବ ପରାମର୍ଶ

ମହିଳା ସହାୟତା କେନ୍ଦ୍ର 'ମାଧ୍ୟମ' ଉଦ୍ଘାଟିତ

## 'Maadhyam' Support for Women in Distress

**Express News Service**

**Bhubaneswar:** A support centre to aid women in crisis was launched by Director General of Police (DGP) Sanjeev Marik at the Bhubaneswar-Cuttack Commissionerate of Police premises here on Wednesday.

'Maadhyam,' the women support centre (WSC), will operate from Bhubaneswar and Cuttack DCP offices for respective cities. Commissionerate Police has partnered with a voluntary organisation for setting up the centre which would not only provide counselling services but also offer legal support to women in distress, be it abuse, marital torture, domestic violence or human trafficking.

Addressing the inaugural function, the DGP said, 'Maadhyam' would provide a platform for redressal of grievances for women who do not know where to seek psychological and legal support when faced with violence and abuse. The role of social organisations is very crucial in such cases. "Women must be supported wholeheartedly as they play an important role in strengthening the society," he said.

Police Commissioner Dr RP Sharma said women who seek police help during distress do not always get trained counselling, emotional support or correct legal advise. This gap would be met by 'Maadhyam.'

"Either the police can direct the woman to WSC or she can directly approach the centre. Counselling and legal support apart, if any incident necessitates registration of case, the centre will facilitate that too," he added.

For setting up the centre, Commissionerate Police has partnered with Institute for Social Development (ISD) and Oxfam India. The centre would also provide crisis intervention, medical aid and shelter.

ACP Santosh Bala, Commissioner-cum-Secretary to WCD Department Saswat Mishra, Oxfam India, Regional Manager Akshaya Biswal and ISD chairperson Namrata Chadha were present.

# GLIMPSES...














## For more information contact

**Maadhyam**


**BHUBANESWAR**
Office of the Deputy Commissioner of Police
Vani Vihar Square, Ph: 9348116021
E-mail:maadhyambbsr@isdbbsr.org

**CUTTACK**
Mahila Police Station, Buxibazar
Ph: 9348110074
E-mail:maadhyamctc@isdbbsr.org

ISD
Institute for Social Development
Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141
E-mail: isd_bbsr@rediffmail.com, to@isdbbsr.org
Web: www.isdbbsr.org